بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୧୪ ଜୁନ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

**ବନୁ ନଜିର୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା ଏବଂ ପାକିସ୍ତାନ୍ ଅହେମଦିମାନଙ୍କ ପାଇଁ ବିଶେଷ ଦୁଆ କରିବାକୁ ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଆଜି ମୁଁ ବନୁ ନଜିର୍ ଯୁଦ୍ଧ ସଂକ୍ରାନ୍ତରେ କିଛି ଚର୍ଚ୍ଚା କରିବି । କବିଲା ବନୁ ନଜିର୍ ମଦିନାରେ ବସବାସ କରୁଥିବା ଏକ ଇହୁଦୀ ବଂଶଜ କବିଲା ଥିଲା । କେତେକ ଇତିହାସବିତ୍ ଲେଖିଛନ୍ତି ଯେ, ବନୁ ନଜିର୍ ଖୈବର୍ ଅଞ୍ଚଳର ଏକ ଇହୁଦୀ ଦଳ ଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ଯେତେବେଳେ ମଦିନା ଆଗମନ କଲେ ସେତେବେଳେ ବନୁ ନଜିର୍‌ର ସରଦାର ହୈଇ ବିନ୍ ଅଖତବ୍ ଥିଲା । ଉମ୍ମୁଲ୍ ମୁଉମିନିନ୍ (ବିଶ୍ୱାସକାରୀଙ୍କ ଜନନୀ) ହଜରତ ସଫିୟା ର.ଅ ତାଙ୍କରି କନ୍ୟା ଥିଲେ । ବର୍ଣ୍ଣନା ମିଳେ ଯେ, ହୈଇ ବିନ୍ ଅଖତବ୍‌ଙ୍କର ବଂଶାନୁକ୍ରମିକ ହଜରତ ମୁସା ଅ.ସଙ୍କ ଭାଇ ହଜରତ ହାରୁନ୍ ଅ.ସଙ୍କ ସହିତ ମିଶୁଅଛି । ଏହି ହୈଇ ବିନ୍ ଅଖତବ୍‌ଙ୍କ ବଂଶଜରେ ଅନେକ ଲୋକ ଅବତାରତ୍ୱର (ବିଶିଷ୍ଟ) ଉପାଧିରେ ବିଭୂଷିତ ହୋଇଥିଲେ । ଆଉ ଏହି ପ୍ରସଙ୍ଗକୁ କେନ୍ଦ୍ର କରି ସେ ବହୁତ ଗର୍ବ କରୁଥିଲା । ସେ କହୁଥିଲା ଯେ, ଏହି ସଂସାରରେ ପରମେଶ୍ୱର ଆମ ଉପରେ ଅପାର ଦୟା କରିଛନ୍ତି ଏବଂ ପରକାଳରେ ମଧ୍ୟ ସେ ଆମମାନଙ୍କ ସହିତ ଏହିପରି ଆଚରଣ କରିବେ । ସେ ଆମକୁ ନିଜ ଅପକର୍ମ ପ୍ରତିବଦଳରେ ମାତ୍ର କିଛିଦିନ ପର୍ଯ୍ୟନ୍ତ ଶାସ୍ତି ଦେବା ପରେ ଶେଷରେ ବୈକୁଣ୍ଠରେ ସ୍ଥାନ ଦେବେ । ଏହି ଉଚ୍ଚ ଆଭିଜାତ୍ୟର ଅହଂକାର ଯୋଗୁଁ ହୈଇ ହୁଜୁର ସ.ଅଙ୍କ ଶିକ୍ଷା ପ୍ରତି ବିମୁଖତା ଅବଲମ୍ବନ କରିଥିଲା । କବିଲା ବନୁ ନଜିର୍ ଅଞ୍ଚଳ ଅବସ୍ଥାନ ଦୃଷ୍ଟିକୋଣରୁ ମସଜିଦ୍ କବା ଠାରୁ ମାତ୍ର ଅଧା ମାଇଲ୍ ଦୂରରେ ରହିଥିଲା ।

ବନୁ ନଜିର୍ ଯୁଦ୍ଧ ରବିଉଲ୍ ଅଓ୍ୱଲ୍ ମାସ ୪ହିଜ୍‌ରୀରେ ଘଟିଥିଲା । ଗୋଟିଏ ବର୍ଣ୍ଣନାନୁଯାୟୀ ଏହି ଯୁଦ୍ଧ ଓ୍ୱହଦ୍ ଯୁଦ୍ଧ ପୂର୍ବରୁ ଘଟିଥିଲା । ବନୁ ନଜିର୍ ଯୁଦ୍ଧ ଘଟିବାର (ମୂଳ) କାରଣ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ମକ୍କାର ଅମାନ୍ୟକାରୀଗଣ ବଦର୍ ଯୁଦ୍ଧ ପୂର୍ବରୁ ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ଅଓ୍ୱସ ଓ ଖଜ୍‌ରଜ୍‌ର ପ୍ରତିମା ପୂଜକମାନଙ୍କୁ ପତ୍ର ଲେଖିଲା କି ତୁମେ ଆମ ଲୋକ (ଶତ୍ରୁ) ଅର୍ଥାତ ମୁହମ୍ମଦ ସ.ଅଙ୍କୁ ଶରଣ ଦେଇଛ । ଆମେ ରାଣ ଖାଇ କହୁଛୁ ଯେ, ତୁମେମାନେ ତାଙ୍କ ସହିତ ଯୁଦ୍ଧ କର ଅଥବା ତାଙ୍କୁ ନିଜ ସହରରୁ ବିତାଡ଼ିତ କରିଦିଅ । ନଚେତ୍ ଆମେ ସମଗ୍ର ଆରବବାସୀ ମିଳିତ ଭାବରେ ତୁମ ଉପରେ ଆକ୍ରମଣ କରିଦେବୁ । ଅବି ବିନ୍ ସୁଲୁଲ୍ ଓ ଅନ୍ୟାନ୍ୟ ପ୍ରତିମା ପୂଜକମାନଙ୍କୁ ଯେତେବେଳେ ଏହି ପତ୍ର ହସ୍ତଗତ ହେଲା ସେତେବେଳେ ସେମାନେ ପରସ୍ପରକୁ ସନ୍ଦେଶ ପ୍ରେରଣ କଲେ ଏବଂ ହଜରତ ମୁହମ୍ମଦ ସ.ଅଙ୍କ ସହିତ ଯୁଦ୍ଧ କରିବାର ମନସ୍ଥ କରିନେଲେ । ଯେତେବେଳେ ନବୀଶିରୋମଣୀ ହଜରତ ମୁହମ୍ମଦ ସ.ଅଙ୍କୁ ଏହାର ସୂଚନା ମିଳିଲା, ଆପଣ

ସାହାବାମାନଙ୍କର ଏକ ଦଳ ସାଥିରେ ନେଇ ସେମାନଙ୍କ ସହ ସାକ୍ଷାତ କରିବାକୁ ପ୍ରସ୍ଥାନ କଲେ ଏବଂ ତାଙ୍କୁ କହିଲେ; କୁରୈଶ ତୁମକୁ ଭୟଭୀତ କରାଇ ଏପରି ପତ୍ର ଲେଖିଛନ୍ତି । ତେଣୁ ଏହା ତୁମକୁ ବିଚଳିତ କରି ନଦେଉ ଯେ, ତୁମେମାନେ କୌଣସି ପ୍ରକାର ଷଡ଼ଯନ୍ତ୍ରରେ ଫଶି ଅର୍ଥାତ ଭ୍ରମିତ ହୋଇ ନିଜ ଭାଇ ଓ ପୁତ୍ରମାନଙ୍କ ସହିତ ସଂଘର୍ଷ କରିବା ପ୍ରତି ମନ ବଳାଅ ନାହିଁ ।

ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅଙ୍କର ଏହି ଉକ୍ତି ସେହି ସରଦାର୍‌ମାନଙ୍କୁ ବୁଝା ପଡ଼ିଗଲା ଏବଂ ସେମାନେ ନିଜ ମନ ପରିବର୍ତ୍ତନ କରିଦେଲେ । ପୁନଶ୍ଚ କୁରୈଶ ବଦର୍ ଯୁଦ୍ଧ ପରେ ଇହୁଦୀମାନଙ୍କ ନିକଟକୁ ଆଉ ଏକ ପତ୍ର ପ୍ରେରଣ କଲେ କି ତୁମ ନିକଟରେ ଅସ୍ତ୍ରଶସ୍ତ୍ର ରହିଛି ଏବଂ ତୁମେ (ଏକ) ଦୁର୍ଗର ମାଲିକ । ଏଥିପାଇଁ ତୁମେମାନେ ଆମ ସହିତ ମିଳିତ ହୋଇ (ହୁଜୁର ସ.ଅଙ୍କ ବିରୁଦ୍ଧରେ) ଯୁଦ୍ଧ କର ନଚେତ୍ ଆମେ ତୁମ ଉପରେ ଆକ୍ରମଣ କରିଦେବୁ । ଯେତେବେଳେ ଏହି ପତ୍ର ଇହୁଦୀମାନଙ୍କ ନିକଟରେ ପହଞ୍ଚିଲା ସେତେବେଳେ ବନୁ ନଜିର୍ ଗୋଷ୍ଠୀ ହୁଜୁର ସ.ଅଙ୍କୁ ଧୋକା ଦେବା ପାଇଁ ଏକମତ ହୋଇଗଲେ । ଅତଏବ ବନୁ ନଜିର୍ ଦଳ ହୁଜୁର ସ.ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ କି ଆପଣସ.ଅ ନିଜର ୩୦ଜଣ ସାଥିଙ୍କୁ ଧରି ଆମ ପାଖକୁ ଆସନ୍ତୁ ଏବଂ ଆମର ମଧ୍ୟ ୩୦ଜଣ ଧର୍ମଗୁରୁ ଏକତ୍ରିତ ହେବେ । (ଉଭୟ ପକ୍ଷ ମଧ୍ୟରେ ଧର୍ମତର୍କ ହେବ) ଯଦି ଆମ ପଣ୍ଡିତମାନେ ଆପଣଙ୍କର ସମର୍ଥନ କରନ୍ତି ଏବଂ **ଆପଣ ସ.ଅଙ୍କ ଆନୁଗତ୍ୟ ସ୍ୱୀକାର କରିନିଅନ୍ତି ତେବେ ଆମେମାନେ ମଧ୍ୟ ଆପଣ ସ.ଅଙ୍କ ଆନୁଗତ୍ୟ ସ୍ୱୀକାର କରିନେବୁ ।** ପରବର୍ତ୍ତୀ ଦିନ ଆପଣସ.ଅ ନିଜର ୩୦ଜଣ ସହଚରଙ୍କ ସାଥିରେ (ବନୁ ନଜିର୍ ଅଭିମୁଖେ) ପ୍ରସ୍ଥାନ କଲେ ଏବଂ ଇହୁଦୀମାନଙ୍କର ୩୦ଜଣ ଧର୍ମଗୁରୁ ମଧ୍ୟ ଆସି ପହଞ୍ଚିଲେ ।

ଯେତେବେଳେ ଇହୁଦ୍‌ର ଖୋଲା ପଡ଼ିଆ ଆଡ଼କୁ ବାହାରିଲେ ସେତେବେଳେ ସେମାନେ ପରସ୍ପରକୁ ପଚାରିଲେ ତୁମେ (ମୁସଲମାନମାନଙ୍କ) ଉପରେ କିପରି ଆକ୍ରମଣ କରିବ, ଯେତେବେଳେ କି ନବୀଶ୍ରେଷ୍ଠ ସହିତ ୩୦ଜଣ ଉତ୍ସର୍ଗକାରୀ ଅନୁଗାମୀ ସାମିଲ ଅଛନ୍ତି । ସେତେବେଳେ ସେମାନେ ପୁନଶ୍ଚ ପରାମର୍ଶ କଲେ ଏବଂ ହୁଜୁର ସ.ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ କି ଆପଣସ.ଅ ନିଜର ୩ଜଣ ପଣ୍ଡିତ ସାଥିରେ ନେଇ ଆସନ୍ତୁ, ଆମର ମଧ୍ୟ ୩ଜଣ ଧର୍ମଗୁରୁ ହିଁ ଆସିବେ । ବସ୍ତୁତଃ ହୁଜୁରସ.ଅ ସେହିପରି କଲେ କିନ୍ତୁ ଇହୁଦୀମାନଙ୍କର ୩ଜଣ ଧର୍ମଯାଜକମାନଙ୍କ ନିକଟରେ ମାରଣାସ୍ତ୍ର ରହିଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ହୁଜୁର ସ.ଅଙ୍କର ଜଣେ ହୀତାକାଂକ୍ଷୀ ମହିଳା ଏକ ଅନସାରୀ ସାହାବୀଙ୍କୁ ଇହୁଦୀମାନଙ୍କର ସେହି ମନ୍ଦ ଯୋଜନା ସଂକ୍ରାନ୍ତରେ ସୂଚିତ କରିଦେଲା । ଏପରି ହୁଜୁର ସ.ଅଙ୍କୁ ତାଙ୍କ ଷଡ଼ଯନ୍ତ୍ର ସଂକ୍ରାନ୍ତରେ ଯଥା ସମୟ ପୂର୍ବରୁ ଜ୍ଞାତ ହେବା ମାତ୍ରେ ଆପଣସ.ଅ ନିଜ ଅନୁଚରମାନଙ୍କୁ ସାଥିରେ ଧରି ଇହୁଦୀମାନଙ୍କ ଦୁର୍ଗ ଆଡ଼କୁ ପ୍ରସ୍ଥାନ କଲେ ଏବଂ ଦୁର୍ଗର ଘେରାଉ କରିନେଲେ । ତା'ପରେ ସେମାନଙ୍କ ନିକଟକୁ ବାର୍ତ୍ତା ପ୍ରେରଣ କଲେ, ତୁମେମାନେ ଯେଉଁ କାଣ୍ଡ ଭିଆଇଛ ସେଥିଯୋଗୁଁ ମୁଁ ତୁମକୁ ଆଉ ମଦିନାରେ ରହିବାକୁ (ଅନୁମତି) ଦେଇପାରିବି ନାହିଁ । ଯେପର୍ଯ୍ୟନ୍ତ କି ତୁମେମାନେ ମୋ ସହିତ ନୂତନ ରୂପେ ସନ୍ଧି ସାକ୍ଷର କରି ମୋତେ ଆଶ୍ୱସ୍ତ କରି ନାହଁ ଯେ, ଆସନ୍ତାରେ ତୁମେ ସର୍ତ୍ତଭଙ୍ଗ ଓ ବିଶ୍ୱାସଘାତକତା କରିବ ନାହିଁ । କିନ୍ତୁ ସେମାନେ ହୁଜୁର ସ.ଅଙ୍କ ସହିତ ସନ୍ଧି କରିବାକୁ ସଫା ମନା କରିଦେଲେ, **ଏପରି ଯୁଦ୍ଧର ସୂତ୍ରପାତ ଘଟିଲା ।**

ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ଏହି ଯୁଦ୍ଧର ମୂଖ୍ୟ କାରଣ ଦର୍ଶାଇ ଉଲ୍ଲେଖ କରିଛନ୍ତି, ଅମର୍ ବିନ୍ ଉମୈୟା ଜମରୀ ଯାହାଙ୍କୁ ଅମାନ୍ୟକାରୀମାନେ କଏଦ କରି ପରେ ସ୍ୱାଧୀନ କରି ଦେଇଥିଲେ, ସେ ଯେତେବେଳେ ମଦିନା ପ୍ରତ୍ୟାବର୍ତ୍ତନ କରୁଥିଲେ ସେତେବେଳେ ମାର୍ଗରେ ତାଙ୍କୁ ବନୁ ଆମିର୍‌ର ଦୁଇଜଣ

ବ୍ୟକ୍ତି ମିଳିଲେ, ଯେ ହୁଜୁର ସ.ଅଙ୍କ ସହିତ ସନ୍ଧିପତ୍ର ସାକ୍ଷର କରିଥିଲେ । କିନ୍ତୁ ହଜରତ ଅମର୍ ର.ଅଙ୍କୁ ଉକ୍ତ ସନ୍ଧି ପ୍ରସଙ୍ଗରେ ଜ୍ଞାତ ନଥିଲା, ଆଉ ବୈରେ ମାଉନାରେ ଯେତେବେଳେ ତାଙ୍କୁ ଏକ ଅବସର ମିଳିଲା ସେ ତାହାକୁ ନିଜ ଶହିଦ୍‌ମାନଙ୍କ ପ୍ରତିଶୋଧ ନେବାର ସୁବର୍ଣ୍ଣ ସୁଯୋଗ ମନେକରି ସେଦୁହିଁଙ୍କୁ ହତ୍ୟା କରିଦେଲେ । ଯେତେବେଳେ ରସୁଲେ ଅକରମ୍ ସ.ଅଙ୍କୁ ଏହି ଖବର ମିଳିଲା ସେତେବେଳେ ଆପଣ ବିରକ୍ତ (ନାରଜ୍) ହେଲେ ଏବଂ ଉକ୍ତ ମୃତକମାନଙ୍କ ରକ୍ତର କ୍ଷତିପୂରଣ ସେମାନଙ୍କ ପରିଜନମାନଙ୍କ ନିକଟକୁ ପ୍ରେରଣ କରିଦେଲେ ।

ଯେହେତୁ ବନୁ ଆମିର୍‌ର ଲୋକମାନେ ବନୁ ନଜିର୍‌ର ହଲିଫ୍ (ମିତ୍ର) ଥିଲେ ଏବଂ ବନୁ ନଜିର୍ ମୁସଲମାନମାନଙ୍କ ହଲିଫ୍ ଥିଲେ । ତେଣୁ ଚୁକ୍ତିପତ୍ର ଦୃଷ୍ଟି କୋଣରୁ ସେହି ରକ୍ତବୁହାର ସମାନ କ୍ଷତିପୂରଣ ବନୁ ନଜିର୍ ଗୋଷ୍ଠୀ ଉପରେ ମଧ୍ୟ ପଡୁଥିଲା । ଅତଏବ ହୁଜୁରସ.ଅ କିଛି ସାହାବାଙ୍କ ସାଥିରେ ବନୁ ନଜିର୍ ବାସ କରୁଥିବା ଅଞ୍ଚଳକୁ ପ୍ରସ୍ଥାନ କଲେ । ସେଦିନ ଶନିବାର ଥିଲା, ଆପଣ ସ.ଅଙ୍କ ସାଥିରେ ଯେଉଁ ସାହାବୀ ରହିଥିଲେ ସେମାନଙ୍କ ସଂଖ୍ୟା ୧୦ରୁ କମ୍ ରହିଥିବାର ବର୍ଣ୍ଣନା ମିଳୁଅଛି । ହୁଜୁରସ.ଅ ଯେତେବେଳେ ତାଙ୍କୁ ଏହି ରକ୍ତପାତର କ୍ଷତିପୂରଣ ପ୍ରଦାନ କରିବା ପ୍ରସଙ୍ଗରେ କଥା ହେଲେ ସେତେବେଳେ ସେମାନେ କହିଲେ; ହଁ ହଁ ଅବୁଲ୍ କାସିମ୍ ! ସର୍ବପ୍ରଥମେ ଆପଣ ଖାଦ୍ୟ ସେବନ କରିନିଅନ୍ତୁ ତା'ପରେ ସେଥି ସଂକ୍ରାନ୍ତରେ ବିଚାର କରିବା । ଯଦିଚ ପ୍ରକାଶ୍ୟରେ ସେହି ଅବସରରେ ଇହୁଦୀମାନେ ହୁଜୁର ସ.ଅଙ୍କ ସହିତ ବେଶ ନମ୍ର ଆଚରଣ ପ୍ରଦର୍ଶନ କରିଥିଲେ କିନ୍ତୁ ପଶ୍ଚାତରେ ସେମାନେ ଆପଣ ସ.ଅଙ୍କ ବିରୁଦ୍ଧରେ ମନ୍ଦ ଯୋଜନା ଚଳାଇ ଥିଲେ ଏବଂ ପରସ୍ପର ମଧ୍ୟରେ ହୁଜୁର ସ.ଅଙ୍କୁ ହତ୍ୟା କରିବାର ଗୁପ୍ତ ପରାମର୍ଶ କରିଥିଲେ ।

ସେଠାରେ ହୁଜୁରସ.ଅ ସେମାନଙ୍କ ଏକ ବାସଭବନର ଛାଇ ତଳେ ବିରାଜମାନ ଥିଲେ । ଅତଃ ସେହି ଦୁର୍ଜନମାନେ ଆପୋଷରେ ନିଷ୍ପତ୍ତି କଲେ କି ଉକ୍ତ ଘରର ଛାତ ଉପରୁ ଏକ ଓଜନିଆ ପଥର ଆପଣ ସ.ଅଙ୍କ ଉପରକୁ ଫିଙ୍ଗି ଦେବେ । ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ପରବର୍ତ୍ତୀ ଘଟଣାବଳୀ ଆସନ୍ତାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ନିରୀହ ପାକିସ୍ତାନ ଅହେମଦିମାନଙ୍କ ପାଇଁ ବିଶେଷ ଦୁଆ କରିବାକୁ କହିବାକୁ ଚାହୁଁଛି । ସମ୍ପ୍ରତି ପାକିସ୍ତାନ ଅହେମଦିମାନଙ୍କ ଉପରେ ଅତ୍ୟାଚାର ଓ କଠୋରତା ବଢ଼ି ଚାଲିଛି । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କ କବଳରୁ ଅହେମଦିମାନଙ୍କୁ ଶୀଘ୍ର ମୁକ୍ତି ପ୍ରଦାନ କରନ୍ତୁ । ଆଉ ସେହିସ୍ଥଳେ ଅହେମଦିମାନଙ୍କ ଅବସ୍ଥା ସାମାନ୍ୟ ହେଉ । ସେଠାରେ ସାଧାରଣ ସାଧାରଣ ପ୍ରସଙ୍ଗକୁ କେନ୍ଦ୍ର କରି ଅହେମଦିମାନଙ୍କ ଉପରେ ମକଦ୍ଦମା କରାଯାଉଅଛି ଏବଂ ମାର୍ଗ ସଂକିର୍ଣ୍ଣ କରିବାକୁ ପ୍ରୟାସ କରାଯାଉଅଛି । ପ୍ରିୟ ହୁଜୁର ଅନଓ୍ୱରଅ.ବ ନମାଜ ଜୁମା ପରେ ନିମ୍ନ ମୃତକମାନଙ୍କର ଜନାଯାଃ ଗାଏବ ପାଠ କରାଇବର ଘୋଷଣା କଲେ । ଆଉ ସେମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ-

ପ୍ରଥମ ଶ୍ରୀମାନ ଗୁଲାମ ସରଓ୍ୱର ସାହେବ ଶହିଦ୍ ପୁତ୍ର ମାନନୀୟ ବଶିର ଅହେମଦ ସାହେବ ନିବାସୀ ସାଦୁଲ୍ଲାଃପୁର୍ (ମଣ୍ଡି ବହାଉଦ୍ଦିନ୍) । ତାଙ୍କୁ ଚଳିତ ମାସ ୮ତାରିଖ ଦିନ ଜଣେ ଅହେମଦି ବିରୋଧୀ (ଗୁଳି କରି) ହତ୍ୟା କରିଦେଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ଓସିୟତ୍ ବ୍ୟବସ୍ଥାରେ ସାମିଲ ଥିଲେ, ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠ କରିବା, ନଫିଲ୍ ରୋଜା ରଖିବା ଓ ପ୍ରତିଦିନ ପବିତ୍ର କୁରଆନ ପାଠ କରିବାରେ ଅଭ୍ୟସ୍ତ ଥିଲେ, ଅତ୍ୟଧିକ ମାତ୍ରାରେ ଦରୁଦ୍ ପାଠ କରିବା, ଜମାଅତୀୟ ପୁସ୍ତକଗୁଡ଼ିକର ଅଧ୍ୟୟନ କରିବା, ପ୍ରତିଦିନ ସଦ୍‌କା ଦେବା ଏବଂ ନିରବତାର ସହିତ ଅଭାବି ଲୋକମାନଙ୍କର ସାହାଯ୍ୟ କରିବା ଆଦି ସୁଗୁଣବଳୀର ଅଧିକାରୀ ଥିଲେ । ମୃତକଙ୍କର ଧର୍ମ ପ୍ରଚାର କରିବାରେ ବିଶେଷ ରୁଚି ରହିଥିଲା । ଅନେକ ପବିତ୍ର ଓ ସୁଜନ ବ୍ୟକ୍ତି ତାଙ୍କ ଦ୍ୱାରା ଅହେମଦିୟତ୍‌ରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କ

ଠାରେ ଆଜ୍ଞାକାରୀତାର ଗୁଣ ଅଦ୍ଭୁତପୂର୍ଣ୍ଣ ରୂପେ ବିଦ୍ୟମାନ ରହିଥିଲା । ସେ ନିଜ ପଛରେ ଧର୍ମପତ୍ନୀଙ୍କ ବ୍ୟତୀତ ଦୁଇ ପୁତ୍ର ଓ ତିନିଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି ।

ଦ୍ୱିତୀୟ ମୃତକ ଜଣକ ହେଲେ ଶ୍ରୀମାନ ରାହତ୍ ଅହେମଦ୍ ବାଜଓ୍ୱା ସାହେବ ଶହିଦ୍ । ସେ ମାନନୀୟ ମୁସ୍ତାକ୍ ଅହେମଦ ବାଜଓ୍ୱା ସାହେବ ନିବାସୀ ସାଦୁଲ୍ଲାଃପୁର୍ (ମଣ୍ଡି ବହାଉଦ୍ଦିନ୍)ଙ୍କର ସୁପୁତ୍ର ଥିଲେ । ତାଙ୍କୁ ମଧ୍ୟ ଚଳିତ ମାସ ୮ତାରିଖ ଦିନ ଜଣେ ଅହେମଦି ବିରୋଧୀ (ଗୁଳି କରି) ହତ୍ୟା କରିଦେଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକଙ୍କୁ ଖିଲାଫତ୍ ସହିତ ଭୀଷଣ ପ୍ରେମ ଓ ଅନୁରାଗ ରହିଥିଲା । ସେ ଜଣେ ଅତିଥି ସତ୍କାରୀ, ହସଖୁରା, ପ୍ରତ୍ୟେକଙ୍କ ସହିତ ସ୍ନେହ ଆଦର ସହକାରେ ମିଳିବା ଏବଂ ଦୁଆକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ମୃତକ ନିଜ ପଛରେ ପିତାମାତାଙ୍କ ବ୍ୟତୀତ ପତ୍ନୀ ଏବଂ ଦୁଇଜଣ କନ୍ୟା ଯଥାକ୍ରମେ ୪ବର୍ଷ ଓ ଦେଢ଼ ବର୍ଷ ବୟସର ଛାଡ଼ି ଯାଇଛନ୍ତି ।

ତୃତୀୟ ମୃତକ ଜଣକ ହେଲେ ଶ୍ରୀମାନ ମଲକ୍ ମୁଜଫର୍ ଖାନ୍ ଜୋୟା ସାହେବ । ଯେ ବିଗତ ଦିନରେ ଦେହତ୍ୟାଗ କରିଛନ୍ତି । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ଅଲ୍ଲାଃତାଲାଙ୍କ କୃପାରୁ ମୁସି ଥିଲେ । ଆପଣଙ୍କ ପୁତ୍ର ଶ୍ରୀମାନ ମୁହମ୍ମଦ ମୁତିଉଲ୍ଲାଃ ଜୋୟା ସାହେବ ମୁବଲ୍ଲିଗ୍ ଭାବରେ ଆଜିକାଲି ହଓାଇ (ଅଞ୍ଚଳରେ) ସେବା ସମ୍ପାଦନ କରୁଛନ୍ତି । ନିଜ କର୍ମକ୍ଷେତ୍ରରେ (ମୁତୟନ) ଥିବା ହେତୁ ସେ ନିଜ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇପାରି ନଥିଲେ । ମୃତକ ଜଣକ ଅତି ଭଦ୍ର, ପୁଣ୍ୟବାନ, ଧର୍ମନିଷ୍ଠ, ଅଭାବିମାନଙ୍କ ପ୍ରତିପାଳକ, ତହଜୁଦ୍ ପାଠକାରୀ, ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠକାରୀ, କର୍ମକର୍ତ୍ତାମାନଙ୍କର ଆଦର ସମ୍ମାନକାରୀ, ଅନୁବାଦର ସହିତ ପବିତ୍ର କୁରଆନ ପାଠକାରୀ ଏବଂ ଅତି ନିଷ୍ଠାବାନ ବ୍ୟକ୍ତି ଥିଲେ । ୨୦୦୫ମସିହାରେ ଯେତେବେଳେ ମୁଁ ଓ୍ୱସିୟତ୍ କରିବା ପାଇଁ ଜମାଅତର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଦେଇଥିଲି, **ତାହା ପୂର୍ବରୁ ସେ ଓ୍ୱସିୟତ୍ କରି ନେଇଥିଲେ କିନ୍ତୁ ସେତେବେଳେ ସେ ନିଜ ଓ୍ୱସିୟତ୍‌କୁ ୧/୧୦ରୁ ୧/୩ କରିଦେଲେ ।** ଏପରି ଖଲିଫାଙ୍କ ଡ଼ାକରାରେ ସେ ହାଜର ହୋଇଥିଲେ । ନିଜ ସନ୍ତାନମାନଙ୍କୁ ଉପଦେଶ ପୂର୍ବକ କହୁଥିଲେ; ଧର୍ମ ମାର୍ଗରେ ଅର୍ଥଦାନ କରିବା ଏହାକୁ କହନ୍ତି, ଯେ ସେକ୍ରେଟାରୀଙ୍କ ଧ୍ୟାନ ଆକର୍ଷଣ କରିବା ପୂର୍ବରୁ ହିଁ ନିଜ ଚାନ୍ଦା ପୈଠ କରି ଦେଇଥାଏ ଏବଂ ତାଙ୍କୁ ମାଗିବାକୁ ଅବସର ଦେଇ ନଥାଏ । ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଏସମସ୍ତ ମୃତକମାନଙ୍କ କ୍ଷମା ଯାଚନା ଓ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।